# ସରିଲାଣି ଅଧା ଶିକ୍ଷାବର୍ଷ, ଛାତ୍ରୀଛାତ୍ରଙ୍କୁ ମିଳିନି ୟୁନିଫର୍ମ

**ଜିଲାର ୧,୨୩,୫୩୮ ଛାତ୍ରୀଛାତ୍ର ପୋଷାକ ପାଇବାରୁ ବଞ୍ଚିତ**

ରାୟଗଡ଼ା,୩।୯(ଆଶିଷ ରଞ୍ଜନ ପଣ୍ଡା)

ଶିକ୍ଷାବର୍ଷ ଆରମ୍ଭହୋଇ ଅଧା ସମୟ ବିତିଗଲାଣି । ହେଲେ ସରକାରଙ୍କ ପକ୍ଷରୁ ମିଳୁଥିବା ମାଗଣା ୟୁନିଫର୍ମ ଏପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମିଳିନାହିଁ । ରାୟଗଡ଼ା ଜିଲାରେ ୧ଲକ୍ଷ ୨୩ ହଜାର ୫୩୮ଜଣ ଛାତ୍ରୀଛାତ୍ର ୟୁନିଫର୍ମ ପାଇବାରୁ ବଞ୍ଚିତ ରହିଛନ୍ତି। ଉଭୟ ଶିକ୍ଷା ଓ ମଙ୍ଗଳ ବିଭାଗର ୧୭୯୮ ବିଦ୍ୟାଳୟର ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ର ୟୁନିଫର୍ମ ପାଇନାହାନ୍ତି। କାଶୀପୁର ବ୍ଲକ୍‌ରେ ସର୍ବାଧିକ ୨୦ ହଜାର ୪୩୧, ରାୟଗଡ଼ା ସହର ଓ ବ୍ଲକ୍‌ରେ ୧୯ ହଜାର ୪୨୦, ଗୁଣପୁର ସହର ଓ ବ୍ଲକ୍‌ରେ ୧୦ ହଜାର ୯୫୦, ରାମନାଗୁଡ଼ା ବ୍ଲକ୍ ୬୬୮୮, ପଦ୍ମପୁର ବ୍ଲକ୍ ୭୫୩୪, କଲ୍ୟାଣସିଂହପୁର ବ୍ଲକ୍ ୧୦ ହଜାର ୬୭୫, ଗୁଡ଼ାରି ସହର ଓ ବ୍ଲକ୍‌ରେ ୬୩୨୧, ମୁନିଗୁଡ଼ା ବ୍ଲକ୍ ୧୩ ହଜାର ୮୩୮, ବିଷମକଟକ ବ୍ଲକ୍ ୧୧ ହଜାର ୪୮୮, କୋଲନରା ବ୍ଲକ୍ ୧୦ ହଜାର ୮୧୪ ଓ ଚନ୍ଦ୍ରପୁର ବ୍ଲକରେ ୫୩୭୯ ଜଣ ଛାତ୍ରୀଛାତ୍ର ୟୁନିଫର୍ମ ପାଇବାରୁ ବଞ୍ଚିତ ରହିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଚଳିତବର୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପିଲାଙ୍କ ପାଇଁ ମାଗଣା ୟୁନିଫର୍ମ ଯୋଗାଣ କରିବେ ବୋଲି ସରକାର ନିୟମ କରିଛନ୍ତି। ଏଥିପାଇଁ ପ୍ରତ୍ୟେକ ପିଲା ପିଛା ୧ ହଜାର ଟଙ୍କା ପ୍ରଦାନ କରାଯାଉଛି। ସମଗ୍ର ଶିକ୍ଷା ଯୋଜନାରେ ୬୦୦ ଓ ଗଙ୍ଗାଧର ମେହେର ଶିକ୍ଷା ଯୋଜନାରେ ୪୦୦ ଟଙ୍କା ଲେଖାଏଁ ପ୍ରଦାନ ପାଇଁ ସରକାର ସ୍ଥିର କରିଛନ୍ତି। ଏହି ୧ ହଜାର ଟଙ୍କାରେ ୨ ହଳ ପୋଷାକ, ୨ ହଳ ସକ୍ସ ଏବଂ ଗୋଟିଏ ହଳ ହାଉସ ପୋଷାକ କେବଳ ଶନିବାର ପାଇଁ, ଗୋଟିଏ ହଳ ବୁଟ୍, ଗୋଟିଏ ଟୋପି ଓ ଗୋଟିଏ ପରିଚୟପତ୍ର ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଗୋଷ୍ଠୀ ଶିକ୍ଷାଧିକାରୀ ଏହାର ଟେଣ୍ଡର କରି ଯୋଗ୍ୟ ବିବେଚିତ ଗୋଷ୍ଠୀ କିମ୍ବା କ୍ଷୁଦ୍ରଶିଳ୍ପକୁ ଯୋଗାଣ ଦାୟିତ୍ୱ ଦେବା ସହିତ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେବେ। ତେବେ ବର୍ତ୍ତମାନ ସୁଦ୍ଧା ଏସବୁ କାର୍ଯ୍ୟ ଶେଷ ହୋଇନାହିଁ । ଫଳରେ କୌଣସି ପିଲା ପୋଷାକ ପାଇନାହାନ୍ତି । ଅନ୍ୟପଟେ ପିଲା କିଭଳି ଶୀଘ୍ର ପୋଷାକ ପାଇବେ ସେ ନେଇ ଶିକ୍ଷା ବିଭାଗ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ବହୁ ପିଲା ବିନା ୟୁନିଫର୍ମରେ ସ୍କୁଲ ଯାଉଥିବାବେଳେ ଅନ୍ୟ କେତେଜଣ ପୁରୁଣା ୟୁନିଫର୍ମ ପିନ୍ଧି ଯାଉଛନ୍ତି । ଏ ସମ୍ପର୍କରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଯେଭଳି ଶୀଘ୍ର ୟୁନିଫର୍ମ ବଣ୍ଟନ ହେବ ସେ ନେଇ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପିଲାଙ୍କୁ ଶୀଘ୍ର ପୋଷାକ ବଣ୍ଟନ ପାଇଁ ପୁନର୍ବାର ନିର୍ଦ୍ଦେଶ ଦିଆଯିବ । ଏହାସହ ୟୁନିଫର୍ମ ବଣ୍ଟନ ପାଇଁ ଗାଇଡ୍‌ଲାଇନ ଜାରି ହୋଇଥିବା ମନ୍ତ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

# ଟିକସ ଫାଙ୍କି ଗୁଟ୍‌ଖା ଚାଲାଣ, ଗାଡ଼ି ଜବତ



ଗୁଟ୍‌ଖା ବୋଝେଇ ଜବତ ଗାଡ଼ି ।

**ବ୍ୟବସାୟୀଙ୍କୁ ୪.୬୧ ଲକ୍ଷ ଜରିମାନା**

ରାୟଗଡ଼ା,୩।୯(ଆଶିଷ ରଞ୍ଜନ ପଣ୍ଡା)

ବେଆଇନ ଗୁଟ୍‌ଖା ଚାଲାଣ ବେଳେ ପୋଲିସ ଏକ ଗାଡ଼ିକୁ ଜବତକରି ରାୟଗଡ଼ା ଜିଏସ୍‌ଟି ଓ ବାଣିଜ୍ୟକର ବିଭାଗକୁ ହସ୍ତାନ୍ତର କରିଛି। ଯାଞ୍ଚକରି ଟିକସ ଫାଙ୍କିବା ମାମଲାରେ ବ୍ୟବସାୟୀଙ୍କୁ ୪ଲକ୍ଷ ୬୧ ହଜାର ଟଙ୍କା ଜରିମାନା ପକାଇଛନ୍ତି ଏସିଟିଓ ମାନସ ଶତପଥୀ ।

ଘଟଣାରୁ ପ୍ରକାଶ ଯେ, ପୋଲିସ ପାଟ୍ରୋଲିଂ ବେଳେ ରାୟଗଡ଼ା ସହରସ୍ଥିତ ରୟତ କଲୋନିକୁ ଏକ ଗୁଟ୍‌ଖା ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ଓଡି଼୦୨ସିଏଲ୭୩୭୭) ଯାଉଥିଲା । ପୋଲିସ ଉକ୍ତ ଗାଡ଼ିକୁ ଅଟକାଇ ପଚରାଉଚୁରା କରିଥିଲା । ତେବେ ସେମାନଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପୋଲିସ ଗାଡ଼ିକୁ ଜବତକରି ରାୟଗଡ଼ା ଟାଉନ ଥାନାକୁ ଆଣିଥିଲା । ଏହାପରେ ବିନା ଟିକସରେ ଗୁଟ୍‌ଖା ଚାଲାଣ କରୁଥିବା ଜାଣିପାରି ପୋଲିସ ଏସିଟିଓ ମାନସ ଶତପଥୀଙ୍କୁ ସୂଚନା ଦେଇଥିଲା । ଏସିଟିଓ ଉକ୍ତ ଗୁଟ୍‌ଖା ସାମଗ୍ରୀର ସମସ୍ତ ନଥିପତ୍ର ଯାଞ୍ଚ କରିଥିଲେ । ଏହି ଗୁଟ୍‌ଖା ରୟତ କଲୋନି ବାସିନ୍ଦା ଭୈରବ ମହାକୁଡ଼ ଆଣି ରାୟଗଡ଼ାରେ ବିକ୍ରି କରୁଥିବା ଏସିଟିଓ ଶତପଥୀ ତଦନ୍ତରୁ ଜାଣିବାକୁ ପାଇଥିଲେ। ଫଳରେ ଭୈରବ ମହାକୁଡ଼ଙ୍କଠାରୁ ୪ଲକ୍ଷ ୬୧ହଜାର ୨୫୫ଟଙ୍କା ଜରିମାନା ଆଦାୟ କରାଯାଇଛି ।

# କଲେଜରେ ପଶି ଛାତ୍ରଙ୍କୁ ପିଟିଲେ ଅଣଛାତ୍ର

**■ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍ତେଜନା**
**■ ଥାନାରେ ଅଭିଯୋଗ**

ରାୟଗଡ଼ା,୩।୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଛି। ପ୍ରାୟ ୩୦ରୁ ୪୦ ଜଣ ଅଣଛାତ୍ର କଲେଜ ଭିତରେ ଧସେଇ ପଶି କେତେଜଣ ନାବାଳକ ଛାତ୍ରଙ୍କୁ ମାଡ଼ମାରି ମୁଣ୍ଡ ଫଟାଇ ଦେଇଥିବା ଜଣାପଡ଼ିଛି । ଏହି ଘଟଣା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ଗୁରୁତର ନାବାଳକଙ୍କୁ ସହପାଠୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ଏହାପରେ ଆହତ ଛାତ୍ରମାନେ ନିଜ ସହପାଠୀଙ୍କ ସହ ରାୟଗଡ଼ା ଟାଉନ ଥାନାକୁ ଯାଇ କେତେଜଣ ଅଣଛାତ୍ରଙ୍କୁ ଚିହ୍ନଟକରି ତାଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି ।

ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ପ୍ରାୟ ୩୦ରୁ ୪୦ଜଣ ଯୁବକ କଲେଜ ମଧ୍ୟରେ ପଶି ଯୁକ୍ତ୨ର କେତେଜଣ ନାବାଳକ ଛାତ୍ରଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏହାପରେ ଆକ୍ରମଣକାରୀ ଯୁବକମାନେ ସେଠାରୁ ଚାଲିଯାଇଥିଲେ। ତେବେ ଘଟଣାକୁ ନଜରରେ ରଖି କଲେଜ ଅଧ୍ୟକ୍ଷା ବବିଲତା ସରାଫ ପୋଲିସକୁ ସୂଚନା ଦେବା ପରେ ପୋଲିସ ଏସ୍‌ଆଇ କ୍ଷୀରସିନ୍ଧୁ ସାହୁ ଟିମ୍ ସହିତ କଲେଜରେ ପହଞ୍ଚି ତଦନ୍ତକରି ଫେରିଛନ୍ତି । ଏ ନେଇ କଲେଜ ଅଧ୍ୟକ୍ଷା ବବିଲତା ଟାଉନ ଥାନାରେ ମଧ୍ୟ ଏକ ଏତଲା ଦେଇଛନ୍ତି। ଘଟଣା ବିଷୟରେ ଆଇଆଇସି କେକେବିକେ କହଁରଙ୍କୁ ପଚାରିବାରୁ ପୋଲିସ ଘଟଣାର ତଦନ୍ତ କରୁଛି । ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି। ଅନ୍ୟପଟେ କଲେଜରେ ସୁରକ୍ଷା ବ୍ୟବସ୍ଥା ପାଇଁ ଚତୁଃପାର୍ଶ୍ୱରେ ଅଧିକ ସିସି କ୍ୟାମେରା ଖଞ୍ଜାଯାଉଛି ବୋଲି ଅଧ୍ୟକ୍ଷା ସରାଫ ସୂଚନା ଦେଇଛନ୍ତି ।

# ଜାତି, ଆୟ, ବାସିନ୍ଦା ପ୍ରମାଣପତ୍ର ବଣ୍ଟନ


ପ୍ରଧାନମନ୍ତ୍ରୀ ଜନମନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି।

ମୁନିଗୁଡ଼ା,୩।୯ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡା ବ୍ଲକର ମୁନିଖୋଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସକଟା ଗ୍ରାମରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଜନମନ ଯୋଜନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହିତାଧିକାରୀଙ୍କୁ ଜାତି, ଆୟ ଓ ବାସିନ୍ଦା ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି । ଜଙ୍ଗଲ ଜମି ସଂଯୋଜକ ରାମକୃଷ୍ଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ମୁନିଗୁଡା ତହସିଲଦାର ଏମ. ଅନୁରାଧା, ମୁନିଖୋଲ ଗ୍ରାମପଞ୍ଚାୟତ ସରପଞ୍ଚ ପାଇକା ଜାକାଶିକା, ସିଡିପିଓ ଡାଳିମ୍ବ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ରମେଶ ମିଞ୍ଜି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏଥିସହ ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ସମସ୍ତ ବିଶେଷ ତଥ୍ୟ ଓ ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଯୋଜନାରେ କିପରି ବିଭିନ୍ନ ପ୍ରକାରର ପ୍ରମାଣପତ୍ର ଆବେଦନ କରିପାରିବେ ସେ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ଗ୍ରାମର ୮୦ ହିତାଧିକାରୀଙ୍କୁ ଜାତି, ଆୟ ଓ ବାସିନ୍ଦା ପ୍ରମାଣପତ୍ର ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମକୁ ମୁନିଗୁଡା ରାଜସ୍ୱ ନିରୀକ୍ଷକ ପି. ରାଜେଶଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଆନ୍ଧ୍ରପ୍ରଦେଶରେ ଦୁର୍ଘଟଣା, ରାୟଗଡ଼ାର ଡ୍ରାଇଭର ମୃତ

ରାୟଗଡା,୩।୯ (ଆଶିଷ ରଞ୍ଜନ ପଣ୍ଡା)



ଆନ୍ଧ୍ରପ୍ରଦେଶର ବିଜୟନଗରମ ନିକଟସ୍ଥ ଆନନ୍ଦପୁରଠାରେ ଥିବା ଜାତୀୟ ରାଜପଥରେ ମଙ୍ଗଳବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ଆନ୍ଧ୍ରପ୍ରଦେଶର ହୋଇଥିବାବେଳେ ଜଣେ ରାୟଗଡା ଜିଲା ସଦର ବ୍ଲକରେ ଥିବା ଜେମାଦେଇପେଣ୍ଠ ଗ୍ରାମର ଗୌରୀ ଶଙ୍କର ବୋଲି ସୂଚନା ମିଳିଛି । ଏହି ଦୁର୍ଘଟଣାରେ ଟ୍ରକ୍‌ର ହେଲ୍ପର ମଧ୍ୟ ଆହତ ହୋଇଛନ୍ତି । ବୁଧବାର ମୃତକଙ୍କ ମର ଶରୀର ଗ୍ରାମରେ ପହଞ୍ଚିବ ବୋଲି ସୂଚନା ମିଳିଛି । ପ୍ରାପ୍ତ ସୂଚନାରୁ ଜଣାପଡିଛି, ରାୟଗଡାରୁ ଏକ ମାଲ ବୋଝେଇ ଟ୍ରକ୍ ବିଜୟୱାଡା ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କଣ୍ଟେନର ସହ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା ।

# ଶ୍ୱଶୁରଘର ଆଗରେ ବିଧବା ବୋହୂଙ୍କ ଧାରଣା

ମୁନିଗୁଡ଼ା, ୩।୯ (ନନ୍ଦକିଶୋର ପଟ୍ଟନାୟକ)


ଧାରଣାରେ ବସିଥିବା ବୋହୂ।

ମୁନିଗୁଡ଼ା ମୁଖ୍ୟ ରାସ୍ତାରେ ରହୁଥିବା ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଘର ଆଗରେ ନ୍ୟାୟ ଦାବିକରି ଧାରଣାରେ ବସିଛନ୍ତି ବିଧବା ବୋହୂ ଚିତ୍ରଲେଖା ସ୍ୱାଇଁ। ବୋହୂର ଏପରି ଘର ସମ୍ମୁଖରେ ଧାରଣାକୁ ନେଇ ଶ୍ୱଶୁର କାମରାଜ ସ୍ୱାଇଁ ମୁନିଗୁଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ବୋହୂ ଚିତ୍ରଲେଖାଙ୍କୁ ଥାନାକୁ ଡକାଇଥିଲେ ମଧ୍ୟ ସେ ଯିବାକୁ ମନା କରିଦେଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ମୁନିଗୁଡା ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କୁ ପଚାରିବାରୁ ଏହି ମାମଲା ସିଭିଲ କେସ୍‌ରେ ଯାଉଥିବାରୁ ଆଇନ ଅନୁସାରେ ସମସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଚିତ୍ରଲେଖାଙ୍କ ସ୍ୱାମୀ ଭାସ୍କର ସ୍ୱାଇଁ ୨୦୧୧ରେ ମୃତ୍ୟୁବରଣ କରିଥିଲେ । ପରେ ଚିତ୍ରଲେଖା ନିଜର ୧୪ ଦିନର ଝିଅକୁ ନେଇ କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ନିଜ ବାପଘରକୁ ଚାଲି ଯାଇଥିଲେ। କିଛି ଦିନ ପରେ ବୋହୂ ଚିତ୍ରଲେଖା ନିଜ ଅଧିକାର ଦାବିକରି ଲାଞ୍ଜିଗଡ଼, ଗାଙ୍ଗପୁର ଓ ମୁନିଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ମୁନିଗୁଡା ଥାନାରେ ଘରର ମୂଲ୍ୟାୟନ ହୋଇ ୧୫ଲକ୍ଷ ଟଙ୍କା ବୋହୂକୁ ଦେବାକୁ ଶ୍ୱଶୁର କାମରାଜୁ ସ୍ୱାଇଁଙ୍କୁ କୁହାଯାଇଥିଲା। ଥାନା ତରଫରୁ ହୋଇଥିବା ସମସ୍ତ ଆଲୋଚନାରେ ଶ୍ୱଶୁର ରାଜି ହୋଇଥିଲେ । କିନ୍ତୁ ଚିତ୍ରଲେଖା ସେତେବେଳେ ଏଥିରେ ସହଯୋଗ କରି ନ ଥିଲେ। ତେବେ ଇତିମଧ୍ୟରେ ୨ବର୍ଷ ବିତି ଯାଇଥିବା ବେଳେ ଗତ ୨ ଦିନ ହେବ ଚିତ୍ରଲେଖା ଶ୍ୱଶୁର ଘର ଆଗରେ ଧାରଣା ଦେଇ ପୁଣି ଅଧିକାର ଦାବି କରିବା ସହ ଘରେ ରହିବାକୁ କହୁଛନ୍ତି। ଅନ୍ୟପଟେ ବୋହୂଙ୍କୁ ଘରେ ନ ରଖିବାକୁ କହିବା ସହ ସମସ୍ତ ନିୟମ ଅନୁଯାୟୀ ସମ୍ପତ୍ତି ଦେବାକୁ ରାଜିଥିବା କହିଛନ୍ତି ଶ୍ୱଶୁର କାମରାଜୁ। ତେବେ ସ୍ୱାମୀଙ୍କ ମୃତ୍ୟୁ ପରେ ଦୀର୍ଘ ୧୩ ବର୍ଷ ଧରି ନିଜ ବାପଘରେ ରହୁଥିବା ଚିତ୍ରଲେଖା କାହିଁକି ଏବେ ହଠାତ ଶ୍ୱଶୁର ଘର ଆଗରେ ଧାରଣାରେ ବସିଛନ୍ତି ତାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି।

# କନ୍ଧମାଳର ଲକ୍ଷପତି ଦିଦି ରାୟଗଡ଼ାରେ ଦେଉଛନ୍ତି ତାଲିମ

**ତେନ୍ତୁଳି ପ୍ରସ୍ତୁତି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ**

ଦାରିଙ୍ଗବାଡି, ୩।୯ (ଅରୁଣ ସାହୁ )

ତେନ୍ତୁଳିର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ଅମଳ ପରେ ଏହାକୁ ସଠିକ ଭାବେ ପ୍ରସ୍ତୁତି କରିପାରିଲେ ଏହା ଚାଷୀଙ୍କୁ ଲାଭ ଦେବ। କନ୍ଧମାଳ ଜିଲା ଦାରିଙ୍ଗବାଡି ସମେତ ବିଭିନ୍ନ ବ୍ଲକ ଅଞ୍ଚଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ତେନ୍ତୁଳି ପ୍ରସ୍ତୁତ କରି ରାଜ୍ୟ ଓ ରାଜ୍ୟ ବାହାରେ ଯଥା ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, କର୍ନାଟକ, ତାମିଲନାଡୁ, ଉତ୍ତରପ୍ରଦେଶରେ ବିଭିନ୍ନ ମେଳାରେ ବିକ୍ରି କରିବାକୁ ମହିଳା ସଙ୍ଗଠନ ପକ୍ଷରୁ ମେଳାରେ ଷ୍ଟଲ ନିଆଯାଇଥାଏ। ଏହାର ସଠିକ ପ୍ରସ୍ତୁତି ନେଇ ତାଲିମ ଦେବାକୁ ମଙ୍ଗଳବାର ଦାରିଙ୍ଗବାଡି ବ୍ଲକରୁ ରାୟଗଡା ଜିଲାରେ ୨ ଜଣିଆ ଟିମ୍ ପହଞ୍ଚିଛନ୍ତି। ଏଥିରେ ମୁଖ୍ୟ ତାଲିମଦାତା ଭାବେ ଗତବର୍ଷ ଉତ୍ତରପ୍ରଦେଶର ନୋଇଡା ମେଳାରେ ସର୍ବାଧିକ କନ୍ଧମାଳର ହଳଦୀ, ତେନ୍ତୁଳି, କ୍ଷୁଦ୍ରଦାନା ଶସ୍ୟ ଆଦି ବିକ୍ରି କରି ଲକ୍ଷପତି ଦିଦିର ମାନ୍ୟତା ପାଇଥିବା ଝରଣା ସାହୁ ଓ ତାଙ୍କୁ ସହଯୋଗ କରୁଥିବା ପ୍ରଭାକର ସାହୁ ରହିଛନ୍ତି। ଟିମ୍ ରାୟଗଡା ଜିଲା କୋଲନରା ବ୍ଲକରେ ପହଞ୍ଚି ୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ଦେଇଛନ୍ତି। ଶନିବାର ପର୍ଯ୍ୟନ୍ତ ଏହି ତାଲିମ କାର୍ଯ୍ୟକ୍ରମ ଚାଲିବ। କୋଲନରା ବିଡ଼ିଓ ରୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓରମାସର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ସୂଚନାଯୋଗ୍ୟ, କନ୍ଧମାଳ ଜିଲାରେ ଯେ କେବଳ ତେନ୍ତୁଳି ପ୍ରସ୍ତୁତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦକ୍ଷତା ଅର୍ଜନ କରିଛନ୍ତି ତା'ନୁହେଁ ସେମାନେ ଆମ୍ବରୁ ଆମ୍ୱୁଲ, ଆଚାର, ଜୁସ୍ ସମେତ ଷ୍ଟ୍ରବେରୀ, ହଳଦୀ, ମାଣ୍ଡିଆ, ମସଲା ଜାତୀୟ ଦ୍ରବ୍ୟ ପ୍ରସ୍ତୁତିରେ ମଧ ଦକ୍ଷତା ହାସଲ କରି ରାଜ୍ୟର ବିଭିନ୍ନ ଜିଲାରେ ପହଞ୍ଚି ବିଭିନ୍ନ ସମୟରେ ତାଲିମ ଦେଉଛନ୍ତି।



କୋଲନରା ବ୍ଲକରେ ଆୟୋଜିତ ଶିବିରରେ ଉପସ୍ଥିତ ତାଲିମଦାତା ।

# ସଙ୍କଟରେ ମାଟିମୂର୍ତ୍ତି କାରିଗରଙ୍କ ଜୀବିକା

**ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତିର ଚାହିଦା ବଢୁଛି**

ଜେକେପୁର,୩।୯(ରାଜେଶ ବିଶ୍ୱାଳ)

ଆଗକୁ ଅଗ୍ରପୂଜ୍ୟ ବିଘ୍ନହର୍ତ୍ତାଙ୍କ ପୂଜା। ଆଉ କିଛିଦିନ ପରେ ପୁରପଲ୍ଲୀଠାରୁ ସହର ଯାଏ ସବୁଠି ପୂଜା ପାଇବେ ଗଣେଶ। ତେବେ ମାଟିମୂର୍ତ୍ତି ପରିବର୍ତ୍ତେ ଏବେ ବଜାରରେ ଶୋଭାପାଉଛି ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ମୂର୍ତ୍ତି। ଏହି ମୂର୍ତ୍ତିର ଚାହିଦା ବଢ଼ିଥିବାବେଳେ ଏବେ ସଙ୍କଟରେ ମାଟିମୂର୍ତ୍ତି କାରିଗରଙ୍କ ଜୀବିକା।

ପାର୍ବଣ ଋତୁ ଆସିଲେ ରାୟଗଡ଼ା ସହରଠାରୁ ୧୨କି.ମି. ଦୂରରେ ଅବସ୍ଥିତ ଅମଲାଭଟ୍ଟା ଗ୍ରାମ ଚଳଚଞ୍ଚଳ ହୋଇଉଠେ। ଗ୍ରାମରେ ଥିବା ୯୫ ଭାଗ କୁମ୍ଭକାର ପରିବାର ବହୁ ଆଶା ଏବଂ ଏବଂ ଭରସା ନେଇ ମାଟିରେ ମୂର୍ତ୍ତି ଗଢ଼ିବାରେ ଲାଗିପଡ଼ନ୍ତି। ଗାଁରେ ପ୍ରାୟ ୧୦ ପିଢ଼ି ଅମଳରୁ ଲୋକେ ଏହି ମୂର୍ତ୍ତି ଗଢ଼ି ବଜାରରେ ବିକ୍ରିକରି ଦୁଇ ପଇସା ରୋଜଗାର କରୁଥିଲେ। ଘରର ସ୍ତ୍ରୀଙ୍କଠାରୁ ଆରମ୍ଭ କରି ପିଲାମାନେ ମଧ୍ୟ ମୂର୍ତ୍ତି ଗଢ଼ିବାରେ ସାହାଯ୍ୟ କରନ୍ତି। ଗାଁର ମହିଳାମାନେ ପ୍ରାୟ ୨ କି.ମି.ରୁ ଊର୍ଦ୍ଧ୍ୱ ବାଟ ଚାଲି ନଦୀପଠାରୁ ମାଟି ସଂଗ୍ରହକରି ଆଣନ୍ତି। ସେହି ମାଟିକୁ ରଙ୍ଗ, ତୂଳୀ ଓ ରଙ୍ଗ ସାହାଯ୍ୟରେ ଜୀବନ୍ତ କରି ଗଢ଼ି ତୋଳନ୍ତି ଅମଲାଭଟ୍ଟାର ମୂର୍ତ୍ତି କାରିଗର। ହେଲେ ବଜାରରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତିର ଚାହିଦା ବଢ଼ିବା ଯୋଗୁ ତାଙ୍କ ହାତ ତିଆରି ମାଟି ମୂର୍ତ୍ତିର ଚାହିଦା କମିବାରେ ଲାଗିଛି ବୋଲି ୨ ମୂର୍ତ୍ତିକାର ଆର୍. ଦାଳାୟ ଏବଂ ପି. କଲ୍ୟାନ କହିଛନ୍ତି। ଫଳରେ ବାଧ୍ୟହୋଇ ସେମାନେ ଜୀବିକା ହରାଇ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ଯାଉଥିବା ଗ୍ରାମବାସୀ କହିଛନ୍ତି। ରାଜସ୍ଥାନରୁ କେତେଜଣ ମୂର୍ତ୍ତି କାରିଗର ଦେବଦଲା ଗ୍ରାମକୁ ଆସି ଗତ ୮ ବର୍ଷ ହେବ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ବିଭିନ୍ନ ପ୍ରକାର ମୂର୍ତ୍ତି ନିର୍ମାଣକରି ବିକ୍ରି କରୁଛନ୍ତି। ଏହି ମୂର୍ତ୍ତିଗୁଡ଼ିକ ବହୁ ସୁନ୍ଦର ଓ ଆକର୍ଷଣୀୟ ହୋଇଥିବାରୁ ଚଢ଼ା ଦରରେ ବିପୁଳ ମାତ୍ରାରେ ବଜାରରେ ବିକ୍ରି ହେଉଛି। ଏହି ମୂର୍ତ୍ତି ପରିବେଶ ପାଇଁ କ୍ଷତିକାରକ ଏବଂ ସ୍ୱାସ୍ଥ୍ୟ ତଥା ବିଭିନ୍ନ କ୍ଷେତ୍ରରେ ଏହାର ବ୍ୟବହାର ବର୍ଜିତ ହୋଇଥିବା ସତ୍ତ୍ୱେ ଲୋକେ ବହୁଳ ମାତ୍ରାରେ ଏହାକୁ କିଣୁଥିବା ଦେଖାଯାଉଛି। ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ମୂର୍ତ୍ତି କାରିଗରଙ୍କ ଜୀବିକା ହରାଇବା ସହ ପରିବେଶ ପ୍ରଦୂଷଣ କରୁଥିବାରୁ ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ଏହି ମୂର୍ତ୍ତି ବିକ୍ରି ଉପରେ ରୋକ ଲଗାଇବାକୁ ଦାବି ହୋଇଛି।


ଜଣେ କାରିଗର ଗଣେଶଙ୍କ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି ।

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକଲେ ଜିଲାପାଳ

**■ପିଏମ୍ ଜନମନ ପରିଯୋଜନା ସଚେତନତା ଶିବିର ପରିଦର୍ଶନ**
**■ଆଦିମ ଜନଜାତି ଡାକ୍ତରୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ**

ଗୁଣପୁର, ୩।୯ (ପ୍ରଦୀପ କୁମାର ପାଢ଼ୀ )

ରାୟଗଡା ଜିଲାପାଳ ପାରୁଲ ପଟୱାରି ମଙ୍ଗଳବାର ଗୁଣପୁର ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ପାରୁଲ ପ୍ରଥମେ ଉପଜିଲାପାଳ କୀରନ ଦୀପ କୌର ସହୋତାଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଉପ ବିଭାଗ ବୁଲି ଦେଖିଥିଲେ। ସେଠାରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ଯାଇ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ନଥିପତ୍ର ମଗାଇ ସମୀକ୍ଷା କରିଥିଲେ । ପରେ ଗୁଣପୁର ବ୍ଲକ କୁଲୁସିଂ ପଞ୍ଚାୟତର ଉଡାପଗରଜଙ୍ଗ ଗ୍ରାମରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ସଚେତନତା ଶିବିରରେ ଯୋଗଦେଇଥିଲେ ।

ବିଦ୍ୟୁତ୍, ଦକ୍ଷତା ବିକାଶ, ଜଙ୍ଗଲଜମି ପଟ୍ଟା, ପାଣି ପଞ୍ଚାୟତ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ, ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଜୀକୃତ, ଆର୍ଥିକ ସାହାଯ୍ୟ ପ୍ରଦାନ ଆଦି ଉପରେ ଆଲୋକପାତ କରିଥିଲେ। ସମସ୍ତ ମହିଳା ସୁଭଦ୍ରା ଯୋଜନାର ସୁବିଧା ପାଇବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ । ଆଦିମ ଅଧିବାସୀ ଲାଞ୍ଜିଆ ସମ୍ପ୍ରଦାୟର ଛାତ୍ର ନବେଶ ଶବର ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୁର୍ଲା ଭିମ୍‌ସାର ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଅଞ୍ଚଳର ଗର୍ବ ଓ ଗୌରବ ବୋଲି ଜିଲାପାଳ ପାରୁଲ ମତବ୍ୟକ୍ତ କରିବା ସହ ନବେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଜିଲାପାଳ ପୁଟ୍ଟାସିଂ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଛାତ୍ରୀଛାତ୍ରମାନେ ହଷ୍ଟେଲରେ କିପରି ରହୁଛନ୍ତି, ସେମାନଙ୍କ ଖାଇବା, ପାଠପଢା ଆଦି ବିଷୟରେ ପିଲାଙ୍କ ସହ ଜିଲାପାଳ ଭାବ ବିନିମୟ କରିଥିଲେ। ଜଳତାର କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜିଲାପାଳ ଶଗଡା, ନୂଆଗାଁ, ଚିନାସାରି, କୁଲୁସିଂ ଆଦି ଗ୍ରାମରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏଥିସହ ଜିଲାପାଳ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିବା ସହ ପୁରୁଣା ଗୁଣପୁରରେ ଥିବା ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଉପ ଜିଲାପାଳଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଲୀଳାବତୀ ଆଚାର୍ଜି, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡା, ପୋର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ଅସୀମା ରାଓ, ଅତିରିକ୍ତ ମଙ୍ଗଳ ଅଧିକାରୀ ସୁରଜ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଏଲ. ସନ୍ତୋଷ କୁମାର, ଏଇଇ ହରେକୃଷ୍ଣ ପଣ୍ଡାଙ୍କ ସହ ଆଇଟିଡିଏ, ବ୍ଲକ, ତହସିଲ ଆଦି କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।


ଜିଲାପାଳ ପାରୁଲ ପଟୱାରି ଡାକ୍ତରୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ଦିଗପହଣ୍ଡି,୩।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମର ସାଗର ବଡ଼ବନ୍ଧ ପୋଖରୀରେ ସୋମବାର ଅପରାହ୍ନରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହକୁ ମଙ୍ଗଳବାର ଠାବ କରାଯାଇଛି। ମୃତକ ହେଲେ ଗଡ଼ଗୋବିନ୍ଦପୁର ଗ୍ରାମର ବଳରାମ ପ୍ରଧାନ। ବଳରାମ ସୋମବାର ଅପରାହ୍ନରେ ଖାଇସାରିବା ପରେ ପୋଖରୀରେ ଟିଫିନ୍ ଧୋଉଥିବା ବେଳେ ଅସାବଧାନତାରୁ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀଙ୍କ ଠାରୁ ଖବର ପାଇବା ପରେ ଟିକିଟି ଅଗ୍ନିଶମ ବାହିନୀ ଓ କେ.ନୂଆଗାଁ ପୋଲିସ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ରାତି ପର୍ଯ୍ୟନ୍ତ ଟିମ ଅକ୍ଲାନ୍ତ ପରିଶ୍ରମ କରଥିଲେ ବି ନ ମିଳିବାରୁ ସେମାନେ ଫେରିଯାଇଥିଲେ। ମଙ୍ଗଳବାର ସକାଳେ ପୁଣି ଅଗ୍ନିଶମ ବାହିନୀ ପହଞ୍ଚି କେତେଜଣ ଗ୍ରାମବାସୀଙ୍କ ସହାୟତାରେ ପୋଖରୀ ସାରା ଖୋଜିବା ବାପରେ ଗଭୀର ପଙ୍କ ମଧ୍ୟରୁ ବଳରାମଙ୍କ ମୃତଦେହ ମିଳିଥିଲା। ପୋଲିସ ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବଳରାମଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ ଅଛନ୍ତି।

# ଶିଶୁ, ମାତୃ ମୃତ୍ୟୁହାର କମ୍ ଉପରେ ଗୁରୁତ୍ୱ



ମାଲକାନଗିରିରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଓ ଅନ୍ୟ ଅଧିକାରୀମାନେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

ମାଲକାନଗିରି, ୩।୯(ଦୁର୍ଯ୍ୟୋଧନ ପାତ୍ର)

**ମାଲକାନଗିରିରେ ନବରଙ୍ଗପୁର ଏମ୍‌ପିଙ୍କ ସମୀକ୍ଷା**

ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଗୁଡିକର ସମୀକ୍ଷା କରିଥିଲେ। ବୈଠକରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲୀ, ଜଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ରେଳବାଇ ଡେପୁଟି ମ୍ୟାନେଜର ବାଉରୀବନ୍ଧୁ ମହାରଣା ଉପସ୍ଥିତ ଥିଲେ । ମାଲକାନଗିରି ଭଳି ଆଦିବାସୀ ଅଧୁସିତ ଜିଲାରେ ଆତ୍ମନିର୍ଭର ଭାରତ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅନେକ କ୍ଷେତ୍ରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଏମ୍‌ପି ମାଝୀ ଗୁରୁତ୍ୱାରୋପ କରିଥିଲେ । ୨ ଦିନ ବ୍ୟବଧାନରେ ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକଙ୍କୁ ମଜୁରି ଦେବା ବ୍ୟବସ୍ଥା ହେଲେ ଜିଲାରେ ଦାଦନଙ୍କ ସଂଖ୍ୟା କମିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଜିଲାରେ ଘଟୁଥିବା ଶିଶୁ ଓ ମାତୃ ମୃତ୍ୟୁହାର କିଭଳି କମ୍ ହୋଇପାରିବ ସେଥିପ୍ରତି ମାଝି ଗୁରୁତ୍ୱ ଦେଇଥିଲେ।

ବୈଠକରେ ପ୍ରତି ଘରକୁ ବିଜୁଳି ସଂଯୋଗ, ପାନୀୟ ଜଳ, କୃଷି, ଜଳସେଚନ, ପଶୁପାଳନ ସହ ଦୁଗ୍ଧ ଓ ମାଛ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ରେଞ୍ଜ ଅନୁସାରେ ଜିଲାର ଜଙ୍ଗଲଗୁଡିକର ସର୍ଭେ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଜନକଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା, ସୁକନ୍ୟା, ଅଟଳ ପେନସନ ଓ ମୁଦ୍ରା ଯୋଜନା ବିଷୟରେ ଆଲୋଚନା କରାଯାଇ କିଭଳି ଏ ବିଷୟରେ ସମସ୍ତେ ଅବଗତ ହୋଇ ଏହାର ଲାଭ ଉଠାଇ ପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଏମ୍‌ପିଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାଗୁଡିକ ତୃଣମୂଳସ୍ତରରେ ପହଞ୍ଚାଇବା ନିମନ୍ତେ ସମସ୍ତ ବିଭାଗ ପଦକ୍ଷେପ ନେବେ ବୋଲି ଜିଲାପାଳ କହିଛନ୍ତି। ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩ ଦିନ ପରେ ଗଣେଶପୂଜା, ଜମୁଛି ମୂର୍ତ୍ତି ବେପାର

କୋରାପୁଟ,୩।୯(ଅମିତାଭ ବେହେରା)

ଆଉ ମାତ୍ର ୩ ଦିନ ପରେ ଗଣେଶ ପୂଜା। ଏହାକୁ ନେଇ କୋରାପୁଟ ସହର ଏବେ ଚଳଚଞ୍ଚଳ। ଚଳିତ ବର୍ଷ କୋରାପୁଟ ସହରରେ ପ୍ଲାଷ୍ଟର ପାରିସ ମୂର୍ତ୍ତି ବେପାର ଜୋରସୋରରେ ଚାଲିଛି। କୋରାପୁଟ ସହର କଳାନିକେତନ ଛକ, ଅଫିସରର୍ସ କ୍ଲବ ସମ୍ମୁଖ, ବାଟମଙ୍ଗଳା ମଣ୍ଡପ, ରାମ ମନ୍ଦିର ସମ୍ମୁଖ, ସିଟି କ୍ୟାଫ ଛକ ଆଦି ୬ରୁ ଉର୍ଦ୍ଧ୍ୱ ସ୍ଥାନରେ ଅସ୍ଥାୟୀ ଭାବେ ଷ୍ଟଲ ଖୋଲାଯାଇଛି। ଚଳିତ ବର୍ଷ ଆନ୍ଧ୍ରର ବିଜୟନଗରମ ଓ ବିଶାଖାପାଟଣା, ଛତିଶଗଡ଼ର ରାୟପୁର ଆଦି ସ୍ଥାନରୁ ମୂର୍ତ୍ତି ଆସି କୋରାପୁଟ ବଜାରରେ ବିକ୍ରି ହେଉଛି। ୧୦୦ ଟଙ୍କାରୁ ଆରମ୍ଭ ହୋଇ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଏଠାରେ ମୂର୍ତ୍ତି ବିକ୍ରି ହେଉଛି। ବ୍ରହ୍ମପୁର, କଟକ ଓ କୋରାପୁଟ କାରିଗରମାନେ ମାଟି ମୂର୍ତ୍ତି ବିକ୍ରି କରୁଛନ୍ତି। ପରିବେଶ ଉପଯୋଗୀ ମାଟି ମୂର୍ତ୍ତିର ଚାହିଦା ଅଧିକା ରହିଥିବାବେଳେ ଆବଶ୍ୟକ ମୁତାବକ ତାହା ମିଳୁ ନ ଥିବାରୁ ପ୍ଲାଷ୍ଟର ପାରିସ ମୂର୍ତ୍ତି କିଣିବାକୁ ବାଧ୍ୟ ହେଉଥିବା ପୂଜା କମିଟି ପକ୍ଷରୁ କୁହାଯାଇଛି। ଆଗକୁ ମୂର୍ତ୍ତି କାରବାର ବଢ଼ିବ ବୋଲି ବ୍ୟବସାୟୀମାନେ ଆଶା ବାନ୍ଧିଛନ୍ତ। କୋରାପୁଟ ସହରର ପୋଲିସ ଲାଇନ, ଟିକିରା ସାହି, ପୁଜାରିପୁଟ, ଅମିନଲାଇନ, ବସଷ୍ଟାଣ୍ଡ, ପୋଷ୍ଟ ଅଫିସ ନିକଟ ଆଦି ୩୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ଢ଼ଙ୍ଗରେ ପୂଜା କରିବା ପାଇଁ କମିଟିର ସଦସ୍ୟମାନେ ଲାଗିପଡିଛନ୍ତି।



ବିକ୍ରି ପାଇଁ ରହିଥିବା ଗଜାନନଙ୍କ ମୂର୍ତ୍ତି।

# ସୁଭଦ୍ରା ଯୋଜନା ନେଇ ସଚେତନ କଲେ ଅଙ୍ଗନୱାଡି କର୍ମୀ

କୋରାପୁଟ,୩।୯(ଅମିତାଭ ବେହେରା)

କୋରାପୁଟ ସହରର ପ୍ରତି ୱାର୍ଡରେ ଘର ବାରଣ୍ଡାରେ ମିଳିଲା ସୁଭଦ୍ରା ଫର୍ମ। ଅଙ୍ଗନୱାଡି କର୍ମୀମାନେ କୋରାପୁଟ ମ୍ୟୁନିସିପାଲିଟିରେ ଥିବା ୨୧ଟି ୱାର୍ଡ ବୁଲି ଘରକୁ ଘର ଯାଇ ସୁଭଦ୍ରା ଯୋଜନା ଫର୍ମ ଦେବା ସହ ଏହା କିପରି ଆବେଦନ କରିବେ ଏବଂ କେଉଁଠି ଆବେଦନ କରିବେ ସେ ନେଇ ମହିଳାଙ୍କୁ ସଚେତନ କରୁଛନ୍ତି। ସୁଭଦ୍ରା ଯୋଜନାରେ ମିଳିବାକୁ ଥିବା ୫ ବର୍ଷରେ ୫୦ ହଜାର ଟଙ୍କାକୁ ସଠିକ ବିନିଯୋଗ କରିବା ସହ ଆର୍ଥିକ ବୃଦ୍ଧି ହେବା ନେଇ ଆଶା ବାନ୍ଧିଛନ୍ତି ମହିଳା। ମହିଳାଙ୍କୁ ସଶକ୍ତ କରିବା ପାଇଁ ଏଭଳି ଯୋଜନା କରିଥିବାରୁ ମମତା ବେହେରା,ବାସନ୍ତୀ ଖରାଙ୍କ ସମେତ ବହୁ ମହିଳା ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।



କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରେ ଅଙ୍ଗନୱାଡି କର୍ମୀମାନେ ସୁଭଦ୍ରା ଫର୍ମ ବାଣ୍ଟୁଛନ୍ତି।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ



କ୍ରୀଡା ପ୍ରତିଯୋଗିତାରେ ମଶାଲ ଶୋଭାଯାତ୍ରା।

ଚିତ୍ରକୋଣ୍ଡା, ୩।୯(ପ୍ରଫୁଲ୍ଲ କୁମାର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଚିତ୍ରକୋଣ୍ଡା ସଦର ମହକୁମା ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ସୁଶ୍ରୀ ଗାୟତ୍ରୀ ଦେବୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ହନ୍ତାଳ, ସମ୍ମାନିତ ଅତିଥି ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜିତ ମାଡକାମି, ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉପସ୍ଥିତ ରହି କ୍ରୀଡା ମଶାଲ ଉଦ୍‌ଘାଟନ କରିଥିଲେ । ଅତିଥିମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀ ଓ ଛାତ୍ର କ୍ରୀଡାବିତ୍‌ମାନଙ୍କୁ ଶିକ୍ଷା ଓ କ୍ରୀଡା ସମ୍ବନ୍ଧରେ କି ସାମସ୍ୟା ଅଛି ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କବାଡିରେ କନିଷ୍ଠ ବର୍ଗ ଓ ବରିଷ୍ଠ ବର୍ଗରେ ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟ ବିଜୟୀ ହୋଇଥିଲା। ସେହିପରି ଫୁଟ୍‌ବଲ ଖେଳରେ ବରିଷ୍ଠ ଓ କନିଷ୍ଠ ବାଳକ ବିଭାଗରେ ଚିତ୍ରକୋଣ୍ଡା ବାଳକ ଉଚ୍ଚ ବିଦ୍ୟାଳୟ, ହକିରେ ଚିତ୍ରକୋଣ୍ଡା ବାଳିକା ମହାବିଦ୍ୟାଳୟ କନିଷ୍ଠ ଓ ବରିଷ୍ଠ ବିଜୟୀ ହୋଇ ଫାଇନାଲକୁ ମନୋନୀତ ହୋଇଥିଲେ। ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ସୁରେଶ ପାତ୍ର, ହରିମୋହନ ପାଢ଼ୀ ଓ ଜିତେନ୍ଦ୍ର ନାୟକ ପରିଚାଳନା କରିଥିଲେ।

# ୨୦ କିଲୋ ଗଞ୍ଜେଇ ଜବତ, ୨ ଗିରଫ

କୋରୁକୋଣ୍ଡା, ୩।୯(ଶିବଦତ୍ତ ସାହୁ)

୨୦ କିଲୋ ଗଞ୍ଜେଇ ଜବତ କରିବା ସହ ଏହା ବାହାର ଅଞ୍ଚଳକୁ ଚୋରାଚାଲାଣ କରୁଥିବା ୨ ବ୍ୟକ୍ତିଙ୍କୁ ପୋଲିସ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମାଲକାନଗିରି ଜିଲା ପାପରମେଟଲା ଥାନା ଅନ୍ତର୍ଗତ ବଡ଼ାପୁଟ ଗ୍ରାମର ଖଗପତି ଆଲ୍ଲାବ ଓ ଅନ୍ୟଜଣେ ଧନପତି ଟାଙ୍ଗୁଲୁ। ଏନେଇ ଓର୍କେଲ ଥାନାରେ ନଂ.୨୬୯/୨୪ ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାନୁଯାୟୀ, ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମନୋହର ସାହୁ ଓ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ପୋଲିସ ଟିମ୍ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ ଟାରେ ଚିତ୍ରକୋଣ୍ଡା ଛକ ନିକଟସ୍ଥ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଉକ୍ତ ଛକ ନିକଟରେ ବାହାର ଅଞ୍ଚଳକୁ ଯିବା ପାଇଁ ବ୍ୟାଗ୍ ଧରି ଛିଡାହୋଇଥିବା ୨ ଜଣ ବ୍ୟକ୍ତି ପୋଲିସ ଗାଡ଼ିକୁ ଦେଖି ବ୍ୟସ୍ତ ହୋଇ ପଡିଥିଲେ। ସନ୍ଦେହ ହେବାରୁ ପୋଲିସ ଦୁଇଜଣଙ୍କୁ ଅଟକାଇ ସେମାନଙ୍କ ପାଖରେ ଥିବା ବ୍ୟାଗ ଯାଞ୍ଚ କରି ସେଥିରେ ୨୦ କେଜି ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା। ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା। ଉଭୟ ଚାଲାଣକାରୀ ଚିତ୍ରକୋଣ୍ଡା ଅଞ୍ଚଳରୁ ଏହି ଗଞ୍ଜେଇ ବାହାର ଅଞ୍ଚଳକୁ ବିକ୍ରି କରିବା ପାଇଁ ନେଉଥିବା ସେମାନେ ପୋଲିସ ପାଖରେ ସ୍ୱୀକାର କରିଛନ୍ତି ।



ଜବତ ଗଞ୍ଜେଇ ଗିରଫ ଅଭିଯୁକ୍ତ ।

# ଯୁକ୍ତ ୨ କଳା ୧ମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଏମ୍‌ଭି-୭୯,୩।୯(ଭିକି ବାରିକ)

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି-୭୯ ସ୍ଥିତ ଡ. ଶ୍ୟାମାପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ କଳା ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ କରାଯାଇଛି । ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମିଶ୍ର ଅଧ୍ୟକ୍ଷତାକରି ଛାତ୍ରୀଛାତ୍ରଙ୍କୁ ନୂତନ ଶିକ୍ଷାବର୍ଷ ୨୦୨୪-୨୫କୁ ସ୍ୱାଗତ ଜଣାଇବା ସହ ଶୃଙ୍ଖଳିତ,ସମୟାନୁବର୍ତ୍ତିତା ଓ ଭଲ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ରବିଶଙ୍କର ବାରିକ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ । ଅତିଥିମାନେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମସ୍ତ ଛାତ୍ରୀଛାତ୍ରଙ୍କୁ ଚନ୍ଦନ ଓ ପୁଷ୍ପଦେଇ ସ୍ୱାଗତ କରାଯାଇଛି । ଏହି ଅବସରରେ ବସନ୍ତ କୁମାର ବିଶ୍ୱାଳ, ଲୋକନାଥ ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଇଂଲିଶ ଅଧାପକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ୱାଗତ ପାଇଁ ଆୟୋଜିତ ସଭାରେ ଛାତ୍ରୀଛାତ୍ର ଓ ଅତିଥି ।

# ଇ-କେୱାଇସି ବନ୍ଦ ନେଇ ବିଡିଓଙ୍କୁ ଦାବିପତ୍ର

କୁନ୍ଦୁରା,୩।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ଲୋକ ବିକାଶ ମଞ୍ଚ ସରକାରଙ୍କ ଇ-କେୱାଇସିକୁ ବନ୍ଦ କରିବା ନେଇ ମଙ୍ଗଳବାର କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡିଙ୍କୁ ଦାବିପତ୍ର ପ୍ରଦାନ କରିଛି। ବର୍ତ୍ତମାନ ରାଜ୍ୟରେ ସମସ୍ତ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ରହିଥିବା ହିତାଧିକାରୀଙ୍କ ଇ-କେୱାଇସି ଚାଲିଥିବା ବେଳେ ବାହାର ରାଜ୍ୟରେ ଥିବା ଶ୍ରମିକମାନଙ୍କ ନିମନ୍ତେ ଏହା ସମ୍ଭବ ହୋଇପାରୁନାହିଁ। ପୂର୍ବରୁ ବିଭିନ୍ନ ସଙ୍ଗଠନ ମଧ୍ୟ ଏହାକୁ ବିରୋଧ କରୁଥିଲେ । ସରକାରଙ୍କ କହିବା ଅନୁସାରେ ଏହି ପ୍ରକ୍ରିୟା ଦ୍ୱାରା ସ୍ୱଚ୍ଛତା ଅଣାଯାଇପାରିବ। ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ରାଶନ କାର୍ଡ ଦେବା, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନି ଇ-ଶ୍ରମ କାର୍ଡ ଥାଇ ରାସନ କାର୍ଡ ନ ଥିବା ଲୋକଙ୍କୁ ତୁରନ୍ତ କାର୍ଡ ପ୍ରଦାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ତର୍ଭୁକ୍ତୀକରଣ ଏବଂ ବହର୍ଭୁକ୍ତୀକରଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ପରିବାରର ନୂତନ ସଦସ୍ୟା ଓ ସଦସ୍ୟଙ୍କୁ ସଂଯୋଗ କରି ସମସ୍ତ ସୁବିଧା ପ୍ରଦାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।




ଲୋକ ବିକାଶ ମଞ୍ଚ କୁନ୍ଦୁରା ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି ।

# ଯୋଗ୍ୟ ହିତାଧିକାରୀ ଚିହ୍ନଟୀକରଣ ଶିବିର

ଜୟପୁର,୩।୯
(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ରାଣିଗଡ଼ ଓ ପୂଜାରିପୁଟ ପଞ୍ଚାୟତରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ମଙ୍ଗଳବାର ହିତାଧିକାରୀ ଚିହ୍ନଟୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା । ପୂଜାରିପୁଟରେ ୮୯ ଓ ରାଣିଗଡ଼ରେ ୯୦ ଜଣ ନୂତନ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଜୟପୁର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶାଙ୍କ ଉପସ୍ଥିତିରେ ଚିହ୍ନଟ କରାଯାଇଛି । ଏହି ଶିବିର ଯୋଗୁ ଯୋଗ୍ୟ ହିତାଧିକାରୀମାନେ ଉପକୃତ ହୋଇପାରିବେ ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।



ଶିବିରରେ ହିତାଧିକାରୀଙ୍କୁ ଚିହ୍ନଟ ଲାଗି କାଗଜପତ୍ର ଯାଞ୍ଚ କରାଯାଉଛି ।

# ୨ ଦିନିଆ ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା

କାଳିମେଳା, ୩।୯(ଜୀବନ କୃଷ୍ଣ ଦାସ)

କାଳିମେଳା ବ୍ଲକ ଭେଙ୍କଟପାଲମ ପଞ୍ଚାୟତର ମାଙ୍ଗିପଲ୍ଲୀ ରବୀନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ କାଳିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲ୍ଲୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କାଳିମେଳା ବ୍ଲକ ଅଧ୍ୟକ୍ଷା ସୁବାସିନୀ ସୋଢ଼ୀ, ମୁଖ୍ୟ ବକ୍ତା ଏବିଇଓ ବସନ୍ତ କୁମାର ବେହେରା, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ମୁକୁନ୍ଦ ସୋଢ଼ୀ, ସ୍ଥାନୀୟ ସରପଞ୍ଚ ବୁଜି କବାସୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିମେଶ ମଣ୍ଡଳ, ଚିନ୍ତାହରଣ ମଧୁ, ବ୍ଲକ ଶିକ୍ଷକ ସଂଘ ସଭାପତି ପ୍ରଦୀପ ତାପାଲି, ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ଦାମୋଦର ଢୁରୁକା, ନୃସିଂହ ଚରଣ ପାଇକରାୟ, ଆବାହକ ଶମ୍ଭୁ ନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ପରେ କ୍ରୀଡା ଶିକ୍ଷକ ରତିକାନ୍ତ ରାଉତଙ୍କ ନିର୍ଦ୍ଦେଶ କ୍ରମେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥି ସହ ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡରେ ଅଭିବାଦନ ଦିଆଯାଇଥିଲା। ଏଥିରେ ପ୍ରଥମ ପର୍ଯ୍ୟାୟରେ ୧୦୦ ମିଟରରୁ ଆରମ୍ଭକରି ୩୦୦୦ ମିଟର ପର୍ଯ୍ୟନ୍ତ ଦୌଡ ପ୍ରତିଯୋଗିତା ସହ କବାଡ଼ି ଖୋକୋ ଓ ଯୋଗ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୫ ବିଦ୍ୟାଳୟର ୧୬୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଖେଳ ସୁପରିଚାଳନା ପାଇଁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷକ ନାଗେଶର ଦୋରା, ଶରତ ପଣ୍ଡା, ସଞ୍ଜୟ କୁମାର ଦାସ, ଚିତ୍ତ ରଞ୍ଜନ ହରିଚନ୍ଦନ, ବସନ୍ତ ସାହୁ, କେଶବ ପ୍ରଧାନ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।



କବାଡି ଖେଳର ଏକ ଦୃଶ୍ୟ ।

# ସୁଭଦ୍ରା ଯୋଜନାରେ ଆଧାର ସଂଯୋଗ ପାଇଁ ଖରାରେ ଲମ୍ବା ଧାଡ଼ି

ସୁନାବେଡ଼ା/ସେମିଳିଗୁଡ଼ା,୩।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କିଛିଦିନ ତଳେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି। ସେଥିପାଇଁ ୪ ତାରିଖରୁ ପଞ୍ଜୀକରଣ ଆରମ୍ଭ ହେବ। ଏଥିଯୋଗୁ ସେମିଳିଗୁଡ଼ା ଓ ସୁନାବେଡ଼ା ଉଭୟ ସହରରେ ଥିବା ଜନସେବା କେନ୍ଦ୍ର ଗୁଡ଼ିକରେ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ସୁଭଦ୍ରା ଯୋଜନା ଆବେଦନ କରିବା ନିମନ୍ତେ ଫର୍ମଗୁଡିକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଉଥିବା ବେଳେ କେନ୍ଦ୍ରଗୁଡିକରେ ମଧ୍ୟ ଅନୁରୂପ ଭିଡ଼ ଦେଖାଦେଇଛି। ଅପରପକ୍ଷେ ବ୍ୟାଙ୍କ ଖାତା ଆଧାର ଓ ମୋବାଇଲ ନମ୍ବର ଆଧାର ସହ ସଂଯୋଗକରି କେୱାଇସି କରିବା ପାଇଁ ଜନସେବା କେନ୍ଦ୍ର ଗୁଡିକରେ ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି ମହିଳା। ଏପରିକି ଜନସେବା କେନ୍ଦ୍ରଗୁଡିକ ପୂର୍ବାହ୍ନ ୧୦ଟାରେ ଖୋଲୁଥିବା ବେଳେ ମହିଳାମାନେ ସକାଳ ୮ରୁ କେନ୍ଦ୍ର ଆଗରେ ଧାଡ଼ିବାନ୍ଧି ଠିଆ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ସୁଭଦ୍ରା ଯୋଜନାରେ ସାମିଲ ହେବାକୁ ମହିଳାମାନଙ୍କୁ ଖରାରେ ଖୋଲା ଆକାଶ ତଳେ ଛୋଟ ଛୋଟ ଶିଶୁଙ୍କୁ ଧରି ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି । ଏହାକୁ ନେଇ ମହିଳାମାନେ ଅସନ୍ତୋଷ ଜାହିର କରିଛନ୍ତି । ଜିଲା ପ୍ରଶାସନ କିମ୍ବା ସରକାର ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। କେତେଜଣ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ ସରକାର ଯେପରି ଭୋଟ ସମୟରେ ଘର ଘର ବୁଲି ପ୍ରଚାର କରୁଥିଲେ, ଠିକ୍ ସେମିତି ଘର ଘର ବୁଲି ଉପଯୁକ୍ତ ମହିଳାମାନଙ୍କୁ ଚିହ୍ନଟକରି ଏହି ଯୋଜନାରେ ସାମିଲ କରିବା ଆବଶ୍ୟକ।




ଜନସେବା କେନ୍ଦ୍ରରେ ମହିଳାମାନେ ଭିଡ ଜମାଇଛନ୍ତି ।

